# ବଢୁଛି ଅଭିଯୋଗ, ଶୁଣିବାକୁ ନାହାନ୍ତି ଅଧିକାରୀ

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ମାମଲାରେ ଫସିଯାଇଛି
- ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି
- ଶ୍ରମିକ ବଦଳରେ କାମ କରୁଛି ମେଶିନ

କେନ୍ଦ୍ରାପଡ଼ା ଅଫିସ, ୨୨।୭

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏରଡଙ୍ଗ ପଞ୍ଚାୟତ ଅଞ୍ଚଳରେ ୫ଟି ପ୍ରକଳ୍ପରେ ଅନିୟମିତତା ହୋଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଅଧୀନରେ ଥିବାରୁ ଶ୍ରମିକ ସମସ୍ୟା ଏଥିରେ ଜଡ଼ିତ ଅଛି। ଏହି ପ୍ରକଳ୍ପର ଅନିୟମିତତାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଗତ ବର୍ଷେ ଧରି ବାରମ୍ବାର ଅଭିଯୋଗ କରୁଛନ୍ତି। ଜବ୍‌କାର୍ଡଧାରୀ ଶ୍ରମିକ ବଦଳରେ ଏଠାରେ ମେଶିନ ଦ୍ୱାରା କାମ କରାଯାଉଛି। ଏ ନେଇ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେମାନେ ହତାଶ ହୋଇପଡ଼ିଛନ୍ତି। ଅପରପକ୍ଷରେ ଶ୍ରମିକ ବଦଳରେ ମେଶିନ କାର୍ଯ୍ୟ କରିବା ଅଭିଯୋଗ ଏରଡଙ୍ଗରେ ସୀମିତ ନୁହେଁ। ପ୍ରତି ବ୍ଲକ ଅଞ୍ଚଳର ଏଭଳି ଅଭିଯୋଗ ଜିଲା ପ୍ରଶାସନ ନିକଟରେ ବର୍ଷ ସାରା ପହଞ୍ଚୁଛି। ଏହି ଯୋଜନା ପରିବର୍ତ୍ତିତ ଭାବେ ଆଇନରେ ପରିଣତ ହୋଇଥିଲେ ମଧ୍ୟ ଜିଲାରେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି ହୋଇ ନ ଥିବାରୁ ଏପରି ସମସ୍ୟା ଦେଖା ଦେଇଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଏରଡଙ୍ଗର ଅଭୟ କୁମାର ଦାସ କୁହନ୍ତି, କରୋନା ସଂକ୍ରମଣ ଭୟ ପରେ କର୍ମନିଯୁକ୍ତି କ୍ଷେତ୍ରରେ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କର୍ମ ସ୍ଥାନରୁ ପ୍ରବାସୀ ଜିଲାକୁ ଫେରିଥିଲେ ମଧ୍ୟ ଅର୍ଥ ରୋଜଗାର ଏକ ବଡ଼ ସମସ୍ୟା ହୋଇଛି। ଏହି ଦୁଃସ୍ଥିତିରୁ ରକ୍ଷା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ପ୍ରାଥମିକତା ଦିଆଯାଇଥିଲା। ତେବେ ଶ୍ରମିକ ବଦଳରେ ମେଶିନ କାର୍ଯ୍ୟ କରିବା ଦ୍ୱାରା ବହୁ ପ୍ରବାସୀ ନିରାଶ ହୋଇଛନ୍ତି। ଅନ୍ୟତମ ଅଭିଯୋଗକାରୀ ଶ୍ରୀତମ ଦାସ କୁହନ୍ତି, ପ୍ରତି ଜବ୍‌କାର୍ଡଧାରୀଙ୍କ ପାଇଁ ଅନ୍ୟୁନ ୧୦୦ ଦିନ କାମ ପାଇଁ ଯୋଜନା ହୋଇଛି। ପ୍ରକଳ୍ପଗୁଡ଼ିକରେ କର୍ମନିଯୁକ୍ତି ମିଳୁ ନ ଥିବାରୁ ଯୁବବର୍ଗ ଜିଲା ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ସାମାଜିକ କର୍ମୀ ଅମିତାଭ ଚାନ୍ଦ କହିଛନ୍ତି, ଜିଲାରେ ଅନ୍ୟୁନ ଜଣେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି ପାଇବାକୁ ଥିବା ବେଳେ ଏଥିରେ ୨ ଅଧିକାରୀ ରହିପାରିବେ। ଯୋଜନାର ମୋଟ ୨୩ ବିଭାଗର ଅନିୟମିତତାକୁ ଏହି ଅଧିକାରୀ ତଦାରଖ କରିବେ। ଏହାଦ୍ୱାରା ଯୋଜନାର ଅଗ୍ରଗତି, ଶ୍ରମିକ ସମସ୍ୟା, ମିଛ ମଷ୍ଟରରୋଲ, ପ୍ରକଳ୍ପ ଆଦିର ଅନିୟମିତତାକୁ ରୋକାଯାଇପାରିବ। ଜିଲାରେ ଏହି ଅଧିକାରୀ ନ ଥିବାରୁ ସରକାରଙ୍କ ଏହି ଯୋଜନା ଜିଲାରେ ଫେଲ ମାରିଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ୨୦୧୦ ମସିହାରେ ଯୋଜନାର ସୁପରିଚାଳନା ପାଇଁ ଆଇନର ଧାରା ୨୭ରେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟ ସରକାର ୨୦୧୧ ଓ ୨୦୧୨ ମସିହାରେ ପ୍ରତ୍ୟେକ ଜିଲାରେ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତ କରିଥିଲେ। ଏହାର ଅବଧି ଶେଷ ପରେ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲା ସମେତ ରାଜ୍ୟର ୧୯ଟି ଜିଲାରେ ଏହି ପଦବୀ ପୂରଣ ହୋଇନାହିଁ। ଫଳରେ ଶ୍ରମିକ ସମସ୍ୟାକୁ ନେଇ ସମାଧାନ ହୋଇପାରୁନାହିଁ। ବହୁ ସମୟରେ ପ୍ରକଳ୍ପରେ ଅନିୟମିତତା ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଯୋଜନାର ସାମାଜିକ ସମୀକ୍ଷା ବୈଠକ ହେଉଛି। ଏଥିରେ ଅନିୟମିତତା ଅଭିଯୋଗକୁ ତଦନ୍ତ କରାଯାଉଛି। ଉଚ୍ଚ ନ୍ୟାୟାଳୟରେ ଏକ ମାମଲାର ସମାଧାନ ହୋଇ ନ ଥିବାରୁ ଅମ୍ବୁଡ୍‌ସମ୍ୟାନ ନିଯୁକ୍ତି ହୋଇ ପାରି ନ ଥିବା ସେ ମତ ଦେଇଛନ୍ତି।


ଜେସିବି ଦ୍ୱାରା ପୋଖରୀ ଖୋଳାଯାଉଛି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ, ସମ୍ବର୍ଦ୍ଧନା ଉତ୍ସବ



ରାଜନଗର, ୨୨।୭(ଡି.ଏନ.ଏ.): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଜଗନ୍ନାଥପୁର ଶାସନ ନୋଡାଲ ଶିକ୍ଷାନିକେତନ ପକ୍ଷରୁ ଭଗବାନପୁରଠାରେ ସ୍କୁଲ ଗଜିରିଆ ରାସ୍ତାର ୩ ଶହ ମିଟର ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଇଛି। ଆୟୋଜିତ ସଭାରେ ଜିଲା ଇକୋ ସଂଯୋଜକ ଗୋପୀନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ, ଏହାର ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ବିରଞ୍ଚି ପ୍ରସାଦ ଜେଠୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ତ୍ରିପାଠୀ, ସଭାପତି ମେଘଶ୍ୟାମ ସାହୁ, ଖବରଦାତା ବ୍ରଜ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟକୁ ବନ ବିଦ୍ୟାଳୟ ରୂପେ ଗଢ଼ି ତୋଳିବାକୁ ମତବ୍ୟକ୍ତ କରିଥିଲେ। ଶିକ୍ଷକ ପ୍ରେମାନନ୍ଦ ଦାସ ବୃକ୍ଷର ମହତ୍ତ୍ୱ ସମ୍ପର୍କରେ କବିତା ଗାନ କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ ୧ ଗ୍ରେଡ, ଏ ୨ ଗ୍ରେଡରେ ପାସ କରିଥିବା ସ୍ୱର୍ଣ୍ଣପ୍ରଭା ସେଠୀ, ସ୍ମିତିପ୍ରଜ୍ଞା ମିଶ୍ର, ସିପ୍ରା ପ୍ରିୟଦର୍ଶିନୀ ରାଉତ, ସୁପ୍ରିୟା ପ୍ରଧାନ, ଶୁଭଶ୍ରୀ ରାଉତ, ମୌସୁମୀ ସାହୁ ଓ ସୁଦର୍ଶନ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଜିତେନ୍ଦ୍ର ମିଶ୍ର, ରାଜ କିଶୋର ବାରିକ, ଅରବିନ୍ଦ ମହାନ୍ତି, ସରସ୍ୱତୀ ଦାସ, ବିନୋଦିନୀ ସେଠୀ, କରିସ୍ମା ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ଶୈଳେଶ୍ୱର ଖିଲାର, ଶତ୍ରୁଘ୍ନ ମଲିକ ପ୍ରମୁଖ ସହଯୋଗ କରିଥିଲେ।

### ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ପରେ ବିଜୟ ଉତ୍ସବ

ରାଜନଗର, ୨୨।୭(ଡି.ଏନ.ଏ.): ପ୍ରଥମ ଓଡ଼ିଆ ଭାବେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହା ଓଡ଼ିଶା ମାଟି ପାଇଁ ଗର୍ବର ବିଷୟ। ୧୫ତମ



ରାଷ୍ଟ୍ରପତି ଭାବେ ଓଡ଼ିଆ ଆଦିବାସୀ ଝିଅ ନିର୍ବାଚିତ ହେବା ପରେ ସବୁଠି ଖୁସି ଓ ଆନନ୍ଦ ପ୍ରକାଶ ପାଇଛି। ରାଜନଗର ଭାଜପା ପକ୍ଷରୁ ଓଡ଼ିଆ ଝିଅ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ବିଜୟ ଉତ୍ସବ ପାଳନ କରାଯାଇଛି। ତ୍ରିନାଥବଜାର ଛକରେ କୋଇଲିପୁର ସରପଞ୍ଚ ଦିଲୀପ କୁମାର ରାଉତ, ଜିଲା ସଂଯୋଜକ ସୁନାକର ପ୍ରଧାନ, ପୂର୍ବ ମଣ୍ଡଳ ସଭାପତି ନଗେନ୍ଦ୍ର ପାତ୍ର, ଜିଲା ସମ୍ପାଦକ ପ୍ରଦୀପ ଦାସ, ଧୀରେନ୍ଦ୍ର ପାତ୍ରଙ୍କ ସମେତ ଭାଜପା କର୍ମୀମାନେ ଯୋଗ ଦେଇଥିଲେ।

### ଛାତ୍ର, ଯୁବ ବିଜେଡି ପକ୍ଷରୁ ଚାରା ରୋପଣ



ଡେରାବିଶ, ୨୨।୭(ସ୍ୱ.ପ୍ର.): ଡେରାବିଶ ବ୍ଲକ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଛାତ୍ର ବିଜେଡି ସଭାପତି ଜ୍ଞାନରଞ୍ଜନ କର ଓ ଯୁବ ବିଜେଡି ସଭାପତି ଗୋଲକ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ରାଜ୍ୟ ବିଜୁ ଜନତା ଦଳ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ଅଗ୍ରୱାଲ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ରାଜ୍ୟ ଯୁବ ଜନତା ଦଳ ସମ୍ପାଦକ ସୁଦୀପ୍ତ ସାମଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ବ୍ଲକ ଆମ୍ବା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ୧୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ପଲିଟେକ୍‌ନିକ୍ କଲେଜ ଅଧ୍ୟକ୍ଷ ଗୁଣନିଧି ପ୍ରଧାନ, ଭବାନୀ ପ୍ରସାଦ ଓଝାଙ୍କ ସମେତ ଛାତ୍ର ଓ ଯୁବକ ଏଥିରେ ଭାଗ ନେଇ କଲେଜ ପରିସରରେ ଶତାଧିକ ଔଷଧୀୟ ଓ ଫଳ ଚାରା ରୋପଣ କରିଥିଲେ।

# ନ୍ୟାୟ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଧାରଣା


ପୀଡ଼ିତାଙ୍କୁ ନ୍ୟାୟ, ଶିକ୍ଷକଙ୍କୁ ଗିରଫ ଓ ନିଲମ୍ବନ ଦାବିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

**ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଘଟଣା**

- ଜିଲାପାଳଙ୍କ ହସ୍ତକ୍ଷେପ ପରେ ଶିକ୍ଷକ ନିଲମ୍ବିତ
- ଧାରଣାସ୍ଥଳରେ ପହଞ୍ଚିଲା ପୋଲିସ

ମହାକାଳପଡ଼ା, ୨୨।୭ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳର ଏକ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଗଣିତ ଶିକ୍ଷକ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ୩ ଦିନ ବିତିଯାଇଥିବା ବେଳେ ଶିକ୍ଷକ ଜଣଙ୍କୁ ଗିରଫ କରାଯାଇ ପାରିନାହିଁ। ଫଳରେ ପୀଡ଼ିତାଙ୍କୁ ନ୍ୟାୟ ଦେବା ସହ ଗଣିତ ଶିକ୍ଷକଙ୍କୁ ଗିରଫ ଓ ନିଲମ୍ବନ ଦାବିରେ ଶୁକ୍ରବାର ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକ, ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ନ୍ୟାୟ ନ ମିଳିଲେ ଥାନା ଓ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା ଓ ଆଇଆଇସି ମନୋରଞ୍ଜନ ଚୌଧୁରୀ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ହସ୍ତକ୍ଷେପ ପରେ ଜିଲା ଶିକ୍ଷା ଅଧିକାରୀ ଉକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବେହେରାଙ୍କୁ ପଚାରିବାରେ ସ୍କୁଲର ଗଣିତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ସେ କହିଛନ୍ତି।

ବିଦ୍ୟାଳୟର ଗଣିତ ଶିକ୍ଷକ ଗତ ମଙ୍ଗଳବାର ପରୀକ୍ଷା ଚାଲିଥିବା ବେଳେ ଜଣୈକା ଛାତ୍ରୀଙ୍କ ଅଙ୍ଗ ସ୍ପର୍ଶ କରିଥିଲେ। ପରୀକ୍ଷାରେ ଫେଲ୍ କରିବା କଥା କହି ଘରେ କାହା ଆଗରେ କହିବୁ ନାହିଁ ବୋଲି ଧମକ ଦେଇଥିଲେ ବୋଲି ପୀଡ଼ିତା ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ପ୍ରଧାନ ଶିକ୍ଷକ ଓ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଭିତ୍ତିରେ ପୋଲିସ ଶିକ୍ଷକଙ୍କ ବିରୋଧରେ ପୋକ୍‌ସୋ ଧାରା ୮, ଦଫା ୩୫୪, ୩୫୪ (ଏ), ୩୪୧, ୫୦୬ରେ ନଂ.୧୩୬/୨୨ରେ ମାମଲା ରୁଜୁ ହୋଇଛି। ନିଲମ୍ବିତ ଶିକ୍ଷକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଅପରପକ୍ଷେ ଗଣିତ ଶିକ୍ଷକ ଜଣଙ୍କ ଗିରଫ ଭୟରେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିବାକୁ କଟକର ଜଣେ ବରିଷ୍ଠ ଓକିଲଙ୍କ ସହ ପରାମର୍ଶ କରିଛନ୍ତି ବୋଲି କୁହାଯାଉଛି।

# ସ୍ୱୟଂସିଦ୍ଧି ମୁଦୁଲି ବୈଜ୍ଞାନିକ ଭାବେ ମନୋନୀତ

ପଟ୍ଟାମୁଣ୍ଡାଇ, ୨୨।୭(ସ୍ୱ.ପ୍ର.)

କଠିନ ପରିଶ୍ରମ, ନିଷ୍ଠା, ଅଧ୍ୟବସାୟ ଓ ସାଧନା କେବେ ବିଫଳ ହୁଏନାହିଁ। ଏହାର ପ୍ରମାଣ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଖଡ଼ିଅଣ୍ଟା ପଞ୍ଚାୟତ ଜିଗରଣ ଗାଁର ଶିକ୍ଷାବିତ୍ ମନୋଜ ମୁଦୁଲିଙ୍କ ପୁଅ ସ୍ୱୟଂ ସିଦ୍ଧିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେ ବୈଜ୍ଞାନିକ ଭାବେ ମନୋନୀତ ହୋଇଛନ୍ତି। ଏହାକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆନନ୍ଦର ଲହରି ଖେଳି ଯାଇଛି। ସ୍ୱୟଂ ସିଦ୍ଧି ପିଲାଟିଦିନରୁ ନିଜର ପାରଦର୍ଶିତା ପ୍ରଦର୍ଶନ କରିଆସୁଥିଲେ। ଜିଗରଣ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରି ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ, ଭୁବନେଶ୍ୱର ବେସିକ୍ ସାଇନ୍ସ କଲେଜ, ଆଦିକବି ସାରଳା ଦାସ କଲେଜ ଜିଓଲୋଜି (ସମ୍ମାନ) ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପାଠ୍ୟକ୍ରମ ସଫଳତାର ସହ ସମାପ୍ତ କରିଛନ୍ତି। ପରେ ଆଇଆଇଟି ଖଡ଼୍ଗପୁରରେ ପିଏଚ୍‌ଡି କରୁଛନ୍ତି। ଭାବା ଅଟୋମିକ ଏନର୍ଜି ସେଣ୍ଟର ପକ୍ଷରୁ ଆୟୋଜିତ ସର୍ବଭାରତୀୟ ପରୀକ୍ଷାରେ ୯୫ତମ ସ୍ଥାନ ହାସଲ କରି ବୈଜ୍ଞାନିକ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ସ୍ୱୟଂ ସିଦ୍ଧିଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।



# ବନ ବିଭାଗ-ଗ୍ରାମବାସୀ ମୁହାଁମୁହିଁ

- ଜଙ୍ଗଲ କିସମ ଜମିରେ ବୃକ୍ଷରୋପଣ
- ଉତ୍ତେଜନା ପାଇଁ ସୁରକ୍ଷା କଡ଼ାକଡ଼ି

ମହାକାଳପଡ଼ା, ୨୨।୭(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଜମ୍ବୁ ପଞ୍ଚାୟତ ଶେଷ ସୀମା ଲୁଣା ଜଙ୍ଗଲ ସଂଲଗ୍ନ କଣ୍ଡରାପାଟିଆ ଗ୍ରାମ ନିକଟରେ ଜଙ୍ଗଲ କିସମ ଜମିରେ ବୃକ୍ଷ ରୋପଣ ବନ ବିଭାଗ ପକ୍ଷରୁ ଶୁକ୍ରବାର ଆରମ୍ଭ ହୋଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ବନ ବିଭାଗ ସହ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଗ୍ରାମବାସୀଙ୍କ କହିବା କଥା ଆମେମାନେ ଦୀର୍ଘ ୫୦ ବର୍ଷରୁ ଅଧିକ ହେବ ଚାଷ କରି ଜୀବିକା ନିର୍ବାହ କରୁଥିଲୁ। କିନ୍ତୁ ବନ ବିଭାଗ କର୍ମଚାରୀ ଜବରଦସ୍ତ ଆମ ଜମିରେ ଗଛ ଲଗାଉଛି। ଆମେମାନେ ଗଛ ଲଗାକୁ ବିରୋଧ କରୁନାହୁଁ। କିନ୍ତୁ ଆମ ସହ ବନ ବିଭାଗ କୌଣସି ଆଲୋଚନା ନ କରି ମନମୁଖି କାର୍ଯ୍ୟ କରୁଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ସୁରକ୍ଷା ଦୃଷ୍ଟିରୁ ୪ ପ୍ଲାଟୁନ୍ ସୁରକ୍ଷା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଜେସିବିରେ ନାଳି ଖୋଳା ଚାଲିଛି। ପରେ ଜମିରେ ଲୁଣା ଚାରା ରୋପଣ କରାଯିବ ବୋଲି ମହାକାଳପଡ଼ା ରେଞ୍ଜ ଅଧିକାରୀ ସହାଜୀ ଚରଣ ବିଶ୍ୱାଳ କହିଛନ୍ତି।


କଣ୍ଡରା ପାଟିଆ ଗ୍ରାମ ସଂଲଗ୍ନ ଜମିରେ ବନ ବିଭାଗ ପକ୍ଷରୁ ଜେସିବିରେ ନାଳି ଖୋଳା ଚାଲିଛି।

# ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଙ୍କ ନାମଲେଖା ବନ୍ଦ ପାଇଁ ନିର୍ଦ୍ଦେଶ

ଡେରାବିଶ, ୨୨।୭(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା ଯୁକ୍ତ ୩ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଙ୍କ ନାମଲେଖା ବନ୍ଦ କରାଯାଇଛି। ଏହାର ପ୍ରତିବାଦରେ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସଭ୍ୟ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ, ଅଧ୍ୟାପକ ପ୍ରଭାକର ସାମଲ ଯୋଗଦେଇ ଚଳିତ ବର୍ଷଠାରୁ ଏହି ମହାବିଦ୍ୟାଳୟରେ ଯୁକ୍ତ ୩ ଶ୍ରେଣୀରେ ନାମଲେଖା ବନ୍ଦ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏହି ନିର୍ଦ୍ଦେଶନାମାର ପୁନର୍ବିଚାର କରିବାକୁ କମିଟି ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରାଯିବ ବୋଲି ସମ୍ମିଳନୀରେ ଦାଶ ଓ ସାମଲ ପ୍ରକାଶ କରିଥିଲେ। ଯଦି ଏଥିରେ ସଫଳ ନ ହୁଅନ୍ତି ତାହାହେଲେ ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ, ଅଭିଭାବକ ଓ ଅଞ୍ଚଳବାସୀ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର, ରମେଶ ଚନ୍ଦ୍ର ଦାସ, ରଜନୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ, ଡେରାବିଶ ବ୍ଲକ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାର ପାଇଁ ୧୯୯୧ରେ କେତେଜଣ ବୁଦ୍ଧିଜୀବୀଙ୍କ ଚେଷ୍ଟାରେ ଡେରାବିଶ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା, ଯାହା ଏବେ ଡେରାବିଶ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ନାମରେ ହୋଇଛି। ଏହାର କିଛିବର୍ଷ ପରେ ୨୦୦୯ରେ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହା ୨୦୧୩ରେ ସରକାରୀ ଅନୁମତି, ସ୍ୱୀକୃତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସହବନ୍ଧନ ଲାଭ କରିଥିଲା। ଏବେ ଏହା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ସହବନ୍ଧିତ। ଅଦ୍ୟାବଧି ଏହି ମହାବିଦ୍ୟାଳୟରୁ ୭ଟି ବ୍ୟାଚ୍‌ରେ ଅନ୍ୟୁନ ୫୦୦ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ବିଡ଼ମ୍ବନାର ବିଷୟ, ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରାଜଶ୍ରୀ ମହାନ୍ତି ରାଜ୍ୟର ୧୨ଟି ମହାବିଦ୍ୟାଳୟକୁ ଚଳିତବର୍ଷଠାରୁ ନାମ ଲେଖା ବନ୍ଦ ରଖିବାକୁ ଚିଠି ନଂ.୨୯୬୨୩/୧୪।୭।୨୦୨୨ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ କଲେଜ ଛାତ୍ରୀମାନଙ୍କ ସହିତ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ଲକର ୨୬ ପଞ୍ଚାୟତ ମଧ୍ୟରେ ଏହା ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ଏବଂ ସରକାର ନାରୀ ଶିକ୍ଷାକୁ ପ୍ରୋତ୍ସାହନ ଦେଉଥିବାବେଳେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉଦ୍ୟମ ଅଞ୍ଚଳବାସୀଙ୍କୁ ଚକିତ କରିଛି। ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁରୋଧ ରକ୍ଷାକରି ପୂର୍ବବର୍ଷ ଭଳି ଚଳିତବର୍ଷ ମହାବିଦ୍ୟାଳୟରେ ଛାତ୍ରୀଙ୍କ ନାମଲେଖାକୁ ଅନୁମତି ଦେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପୁନର୍ବାର ନିର୍ଦ୍ଦେଶ ଦେବାକୁ ଉପସ୍ଥିତ ସଭ୍ୟମାନେ ନିବେଦନ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏହାର ପୁନର୍ବିଚାର ନ କଲେ ଅନଶନ ସହ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି କମିଟିର ସଦସ୍ୟମାନେ ସମ୍ମିଳନୀରେ ପ୍ରକାଶ କରିଥିଲେ।


ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କମିଟି ସଦସ୍ୟ ଓ ଅଧ୍ୟକ୍ଷ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୩ ଜୁଲାଇ ୨୦୨୨



# ରାଷ୍ଟ୍ରପତିଙ୍କୁ ଇଚ୍ଛା ମୃତ୍ୟୁ ମାଗିଲେ ନିର୍ଯାତିତ ପରିବାର

**ନୟାଗଡ଼ ଅଫିସ,୨୨।୭**

ଆଇନକୁ ଅଧିକ ଲୋକାଭିମୁଖୀ କରିବାକୁ ଆଇନ ବିଭାଗକୁ ଡିଜିଟାଲ ସହ ସଂସ୍କାରିତ କରିବାକୁ ସରକାର ପ୍ରକ୍ରିୟା କରୁଛନ୍ତି। ହେଲେ ନୟାଗଡ଼ରେ କଙ୍ଗାରୁ କୋର୍ଟ ପରି ତାଲିବାନୀ ଆଇନର ପୂର୍ଣ୍ଣଚ୍ଛେଦ ପଡ଼ିବାର ନାଁ ନେଉ ନାହିଁ। କଙ୍ଗାରୁକୋର୍ଟର ଦଣ୍ଡରେ ପେଷି ହୋଇ ନିର୍ଯାତିତ ପରିବାର ରାଷ୍ଟ୍ରପତିଙ୍କୁ ଇଚ୍ଛା ମୃତ୍ୟୁ ଆବେଦନ କରିଛନ୍ତି। ସେ ହେଲେ ରଣପୁର ଥାନା ପିମ୍ପଲ ଗାଁର ସୀତା ବେହେରା। ରାଷ୍ଟ୍ରପତିଙ୍କୁ ଇଚ୍ଛା ମୃତ୍ୟୁ ଆବେଦନ କରିବା ସହ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ଲେଖିଛନ୍ତି ପତ୍ର। ସେହିପରି ସ୍ୱାଧୀନତା ସଂଗ୍ରାମୀ କୁନ୍ତଳା ଦେବୀ ମଧ ଭୋଗୁଛନ୍ତି ନିର୍ବାସନ ଦଣ୍ଡ।

ନୟାଗଡ଼ ଜିଲାର ଗାଁ ଗାଁରେ ଚାଲିଛି ଅଲିଖିତ କଳା ଆଇନର ରାଜ।





ସ୍ୱାମୀ ନୀଳକଣ୍ଠ ବେହେରାଙ୍କ ସହ ସ୍ତ୍ରୀ ସୀତା ଇଚ୍ଛାମୃତ୍ୟୁ ପାଇ ଆବେଦନ କରୁଛନ୍ତି। ନିର୍ଯାତିତା ସ୍ୱାଧୀନତା ସଂଗ୍ରାମୀ କୁନ୍ତଳା ଦେବୀ।

ଗାଁ ସଭା ବିଚାରପତି ସାଜି ଦେଉଛନ୍ତି କଠୋର ଦଣ୍ଡ। ପରିସ୍ଥିତି ଏଭଳି ହେଲାଣି ଯେ, ଲୋକ ଆଉ ଥାନା ଫାଣ୍ଡି ଯାଉନାହାନ୍ତି। ବରଂ କଙ୍ଗାରୁ କୋର୍ଟର ଆଶ୍ରୟ ନେଉଛନ୍ତି। କାରଣ ଏଠି ବର୍ଷ ବର୍ଷ ବିଚାର ପ୍ରକ୍ରିୟା କି ସାକ୍ଷ୍ୟ ପ୍ରମାଣର ଆବଶ୍ୟକତା ପଡେ ନାହିଁ। ବରଂ କେଇ ମିନିଟ୍‌ରେ ଦିଆଯାଏ କଠୋରରୁ କଠୋର ଦଣ୍ଡ। କଳାପାଣି ଦଣ୍ଡଠାରୁ ଆହୁରି ଭୟାନକ ଦଣ୍ଡରେ ଦଣ୍ଡିତ କରାଯାଏ ଏହି କଙ୍ଗାରୁ କୋର୍ଟରେ। ନୟାଗଡ଼ରେ ଏଭଳି କୋର୍ଟ ବେଧଡ଼କ ଚାଲିଥିବା ବିଷୟରେ ଖବର ବାରମ୍ବାର ପ୍ରକାଶ ପାଇ ଆସୁଛି। ହେଲେ ଏହା ବନ୍ଦ ହେଉନି।

ସୀତାଙ୍କ ପରିବାରର ଭୁଲ ଏତିକି ଗତ ପଞ୍ଚାୟତ ନିର୍ବାଚନରେ ସମିତିସଭ୍ୟ ପଦବୀ ପାଇଁ ନିବାଚନ ଲଢ଼ିଥିଲେ ସୀତାଙ୍କ ସ୍ୱାମୀ ନୀଳକଣ୍ଠ ବେହେରା। ନୀଳକଣ୍ଠ ଭାଜପା ସମର୍ଥନରେ ନିର୍ବାଚନ ଲଢିଥିବା ବେଳେ ଏହି ଗାଁର ବିଜେଡି ସମର୍ଥିତ ସରପଞ୍ଚଙ୍କ ବିପକ୍ଷରେ ଯାଇଥିଲେ। ଫଳରେ କଙ୍ଗାରୁ କୋର୍ଟ ବସି ସୀତାଙ୍କ ପରିବାରକୁ ନିଆଁ ପାଣି ବାସନ୍ଦ କରାଇବା ସହ ଗାଁର କୌଣସି ବ୍ୟକ୍ତି ଏହି ପରିବାର ସହ କଥା ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଲି ସେତିକି ନୁହେଁ ମନ୍ଦିର, ପୋଖରୀ ମଧ ଏହି ପରିବାରକୁ ବାରଣ କରାଯାଇଛି। ନିଜ ଚାଷ ଜମିକୁ ମଧ ଯାଇ ପାରୁନାହାନ୍ତି କି ଚାଷ ମଧ କରି ପାରୁନାହାନ୍ତି। ତେବେ କିଛିଦିନ ତଳେ ସୀତାଙ୍କୁ ଗାଁର ଶତାୟୁ ସ୍ୱାଧୀନତା ସଂଗ୍ରାମୀ କୁନ୍ତଳା ଦେବୀଙ୍କ ପରିବାର ନିଜ ନାତିର ବ୍ରତୋପନୟନକୁ ଡାକିଥିବାରୁ ପୁଣି ବସିଲା କଙ୍ଗାରୁ କୋର୍ଟ। କୁନ୍ତଳାଙ୍କ ପରିବାରକୁ ମଧ ଦଣ୍ଡିତ କରାଗଲା। ତେବେ ବାରମ୍ବାର ଆକ୍ରମଣ ଏବଂ ବାସନ୍ଦ ଦଣ୍ଡ ବିଷୟରେ ରଣପୁର ଥାନାରେ ୩ ଥର ଲିଖିତ ଏତଲା ଦେବାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଏତଲା ପଞ୍ଜୀକୃତ ମଧ କରି ନ ଥିଲା। ପରେ ନୟାଗଡ଼ ଏସ୍‌ପି, ଜିଲାପାଳଙ୍କୁ ସୀତା ଭେଟି ଅଭିଯୋଗ କରିଥିଲେ। ତେବେ କେହି ଶୁଣି ନ ଥିଲେ ଗୁହାରୀ। ଶେଷରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି ଏହି ପରିବାର। ତେବେ ଗାଁରେ କଙ୍ଗାରୁ କୋର୍ଟ ହୋଇନାହିଁ କହିଛନ୍ତି ଗାଁ କମିଟି ସଭ୍ୟ ସହଦେବ ସ୍ୱାଇଁ। ଏ ସମ୍ପର୍କରେ ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ପଚାରିବାରେ ନୂଆ କରି ଏଠାକୁ ଆସିଛି। ତେବେ କାଙ୍ଗାରୁ କୋର୍ଟ ଘଟଣାରେ ଇଚ୍ଛ ମୃତ୍ୟୁ ପାଇଁ ଆବେଦନ ଘଟାଣା ସମ୍ପର୍କରେ କିଛି ଜାଣି ନାହିଁ। ତେବେ ଏହାର ଖୋଳତାଡ଼ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**■ନୟାଗଡ଼ରେ କଙ୍ଗାରୁ କୋର୍ଟର ଭୟାବହତା**

**■ସ୍ୱାଧୀନତା ସଂଗ୍ରାମୀ ବୃଦ୍ଧା ଭୋଗୁଛନ୍ତି ନିର୍ବାସନ ଦଣ୍ଡ**

## ସଂକ୍ଷେପରେ

### ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଗିରଫ



**ଖଣ୍ଡପଡା,୨୨।୭(ସ୍ୱ.ପ୍ର.):** ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ପୋଲିସ ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଉତ୍ସବ ନାଏକାକୁ ସିଂଘାପଡା ପଞ୍ଚାୟତର ନଟାନୂଆପଲ୍ଲୀ ଗାଁରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏହି ହତ୍ୟା ଘଟଣାରେ ପୋଲିସ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ଆଇଆଇସି ରମେଶ କୁମାର ଦେବତାଙ୍କ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଜୁନ ୧୩ ଅପରାହ୍ନରେ ହନୁମାନ ପଇସା ର୍‍ୟାକେଟରେ ସମ୍ପୃକ୍ତ ଥିବା ୧୦ରୁ ୧୨ ଜଣ ଅସାମାଜିକ ବ୍ୟକ୍ତି ଖଣ୍ଡପଡ଼ା ଥାନା ଅଧୀନ କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଗ୍ରାମ ନିକଟରେ ସୂର୍ଯ୍ୟଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୂର୍ଯ୍ୟଙ୍କ ହତ୍ୟା କରିଥିଲେ।

### ମୃତବ୍ୟକ୍ତିଙ୍କ ପରିଚୟ ମିଳିଲା

**ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ଘଟଣା**

**ନୂଆଗାଁ, ୨୨।୭ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ପଞ୍ଚୁପାଣ୍ଡବ ନିକଟସ୍ଥ ରେଳ ଧାରଣାରୁ ଗୁରୁବାର ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କର ଗଳିତ ମୃତଦେହ ଜବତ କରି ଜିଆରପି ପୋଲିସକୁ ହସ୍ତାନ୍ତର କରିଥିଲା। ମୃତବ୍ୟକ୍ତିର ପରିଚୟ ପୋଲିସ ଜାଣି ପାରି ନ ଥିବା ବେଳେ ଶୁକ୍ରବାର ଶିଖରଗୋଛା ଗାଁର ବଳରାମ ନାଏକ ପୁଅ ସୁନୀଲ ଓରଫ କାଳିଆ (୧୮)ର ବୋଲି ଥାନାଧିକାରୀଙ୍କୁ ଜଣାଇଛି। ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନୂଆଗାଁ ପଞ୍ଚୁପାଣ୍ଡବ ଜଙ୍ଗଲକୁ ଲାଗି ଯାଇଥିବା ରେଳପଥ ପୋଲ ନିକଟ ରେଲଧାରଣାରେ ଜଣେ ଅଜଣା ବ୍ୟକ୍ତି ମୃତ ଶରୀର ଓ ଗୋଡ ହାତ ଅଲଗା ଅଲଗା ହୋଇ ପଡିଥିବା ସ୍ଥାନୀୟ ଲୋକ ଦେଖି ନୂଆଗାଁ ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଆର୍‌ପିକୁ ହସ୍ତାନ୍ତର କରିଥିଲା। ନୂଆଗାଁ ରେଳ ଧାରଣାରେ ମୃତଦେହ ପଡିବା ଘଟଣା ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶିଖରଗୋଛା ଗାଁର ବଳରାମ ମୋବାଇଲରେ ଫଟୋକୁ ଦେଖି ପୁଅ ସୁନୀଲଙ୍କର ବୋଲି ଥାନାରେ ପହଞ୍ଚି ଜଣାଇଛନ୍ତି। ବଳରାମ କହିବା ମୁତାବକ, ପୁଅ ସୁନୀଲ ଭୁବନେଶ୍ୱରରେ ରହି ଦିନ ମଜୁରିଆ ଭାବେ କାମ କରେ। ଦୁଇଦିନ ପୂର୍ବରୁ ଗାଁକୁ ଆସି ବୁଧବାର ନିଜ କର୍ମକ୍ଷେତ୍ରକୁ ଯାଉଛି ବୋଲି କହି ଘରୁ ବାହାରି ଥିଲେ। କିନ୍ତୁ ସୁନୀଲ ଭୁବନେଶ୍ୱର ମାଲିକ ପାଖରେ ନ ପହଞ୍ଚିବାରୁ ମାଲିକ ବଳରାମକୁ ଫୋନ କରିଥିଲେ। ପରେ ବଳରାମ ପୁଅକୁ ଖୋଜା ଖୋଜି କରିଥିଲେ ସୁଦ୍ଧା ସନ୍ଧାନ ପାଇ ନ ଥିଲେ। ତେବେ ଖବର ଲେଖା ହେବା ସୁଦ୍ଧା ଥାନାରେ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ କରାଯାଇନାହିଁ।

# ନୟାଗଡ଼ ଜିଲାରେ ଶତ ପ୍ରତିଶତ ରେଜଲ୍ଟ

**ନୟାଗଡ଼ ଅଫିସ,୨୨।୭**

**ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ଫଳ**

ସିବିଏସଇର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ନୟାଗଡ଼ ଜିଲାର ଜବାହାର ନବୋଦୟ ବିଦ୍ୟାଳୟ, ଡିଏଭି ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଓ ମହର୍ଷି ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଭଲ ନମ୍ବର ରଖି ସ୍କୁଲ ଓ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଜବାହାର ନବୋଦୟ ବିଦ୍ୟାଳୟ ନୟାଗଡ଼ରେ ୪୬ ଜଣ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଏଥିରୁ ସମସ୍ତ ଛାତ୍ର ପ୍ରଥମ ଶ୍ରେଣୀରେ ପାସ କରି ଶତ ପ୍ରତିଶତ ରେଜଲ୍ଟ କରିଛନ୍ତି। ନବେଦୋୟ ବିଦ୍ୟାଳୟର ଛାତ୍ର ସ୍ୱସ୍ତିକ ସାହୁ ୯୮.୪୦ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବାବେଳେ ୨ୟ ସ୍ଥାନରେ ଜୁଜୁନ ସାହୁ ୯୭.୪୦ ପ୍ରତିଶତ ଓ ଜଶସ୍ୱୀ କୁମାର ସାହୁ ତୃତୀୟ ସ୍ଥାନରେ ରହି ୯୭ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ନବୋଦୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀରେ ୪୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଡିଭିଜନରେ ୪୩ ଛାତ୍ର ଓ ୨ୟ ଶ୍ରେଣୀରେ ୨ ଛାତ୍ର ଅଛନ୍ତି। ୧୩ ଛାତ୍ରୀଛାତ୍ର ୯୦ ପ୍ରତିଶତ ନମ୍ବରରୁ ଅଧିକ ରଖିଛନ୍ତି। ଦ୍ୱାଦଶରେ ୯୫.୮୦ ପ୍ରତିଶତ ନମ୍ବର ରଖି ଦୀପାଞ୍ଜଳି ସ୍ୱାଇଁ ପ୍ରଥମ ସ୍ଥାନ, ୨ୟରେ ଆସତ୍ୱ ଅଭିନନ୍ଦନ ୯୫. ୬୦ ପ୍ରତିଶତ, ତୃତୀୟରେ ପ୍ରୀୟାଂଶୁ ସ୍ୱାଇଁ ୯୪.୮୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ମହର୍ଷି ବିଦ୍ୟାମନ୍ଦିର ନୟାଗଡ଼ର ୭୦ ପରୀକ୍ଷାର୍ଥୀ ମଧ୍ୟରୁ ୭୦ ପାସ କରିଛନ୍ତି। ୬୩ ଜଣ ପ୍ରଥମ ସ୍ଥାନ ପାଇଥିବାବେଳେ ଏଥିରୁ ୧୮ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ। ୭ ଜଣ ୨ୟ କ୍ଲାସରେ ଅଛନ୍ତି। ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ୪୯ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ଶତପ୍ରତିଶତ ରେଜଲ୍ଟ ହୋଇଛି। ମହର୍ଷି ବିଦ୍ୟା ମନ୍ଦିରର ସ୍ୱାଗତ ସମ୍ପର୍କ ପାଇକରାୟ ୯୬.୬ ପ୍ରତିଶତ ପାଇ ନିଜ ସ୍କୁଲରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବାବେଳେ ଶିବ ନାରାୟଣ ମିଶ୍ର ୯୫.୬ ପ୍ରତିଶତ ପାଇ ୨ୟ ସ୍ଥାନରେ, ଶୁଭଶ୍ରୀ ପ୍ରଧାନ ୯୪.୬ ପ୍ରତିଶତ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ନୟାଗଡ଼ ଆଦର୍ଶ ବିଦ୍ୟାଳୟରେ ୮୧ ପରୀକ୍ଷାର୍ଥୀ ମଧ୍ୟରୁ ପ୍ରଥମ ୭୬, ୨ୟ ସ୍ଥାନରେ ୫ ଜଣ ଅଛନ୍ତି। ସ୍କୁଲରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଛାତ୍ରୀ ଏସ ଶୁଭ ଶତାବ୍ଦୀ ୯୮.୦୮ ପ୍ରତିଶତ ରଖିଛନ୍ତି। ୮ଜଣ ଛାତ୍ରୀଛାତ୍ର ଓଡ଼ିଆରେ ୧୦୦ରୁ ୧୦୦, ଗଣିତରେ ୩ ଛାତ୍ରୀଛାତ୍ର ୧୦୦ରୁ ୧୦୦ ନମ୍ବର ରଖିଛନ୍ତି।

### ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଛି



ସିବିଏସ୍‌ଇରେ ମୁଁ ରାଜ୍ୟ ଓ ଜିଲାରେ ଟପ୍ପରରେ ରହିଛି। ରାଜ୍ୟରେ ୬ ନଂ. ରେ ରହିଥିବାବେଳେ ଜିଲାରେ ପ୍ରଥମ ସ୍ଥାନରେ ଅଛି। ମୋର ୯୮.୦୮ ପ୍ରତିଶତ ନମ୍ବର ଆସିଛି। ଯାହାକି ମୋ ପାଇଁ, ମୋ ପରିବାର, ସ୍କୁଲ ଓ ଜିଲା ପାଇଁ ଗର୍ବ। ମୋ ପରିଶ୍ରମ ସଫଳ ହୋଇଛି। ପ୍ରଶାସନିକ ସେବା(ଆଇଏଏସ) ଅଫିସର ହୋଇ ଲୋକଙ୍କ ସେବା କରିବାକୁ ମୋର ଇଚ୍ଛା। ଦିନକୁ ୪ରୁ ୫ ଘଣ୍ଟା ପରିଶ୍ରମ କରୁଥିଲି।

**-ଏସ୍. ଶୁଭ ଶତାବ୍ଦୀ, ନୟାଗଡ଼ ଆଦର୍ଶ ବିଦ୍ୟାଳୟ**

### ଡାକ୍ତର ହେବା ପାଇଁ ଲକ୍ଷ୍ୟ

ମୋ ଘର ଗଣିଆ ବ୍ଲକର ଜଗନ୍ନାଥ ପ୍ରସାଦରେ। ତେବେ ଦଶପଲ୍ଲା ସହରର ପିଙ୍କି ଛକରେ ରହୁଛି। ଦଶମ ପରୀକ୍ଷା ଫଳ ମୋ ପାଇଁ ଖୁସି ଆଣିଛି। ମୁଁ ମୂଲ୍ୟାୟନ କରିଥିବା ନମ୍ବର ୫୦୦ରୁ ୪୯୨ ଆସିଛି। ଦିନକୁ ୫ ରୁ ୬ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମର ଫଳ ପାଇଛି। ଭଲ ଡାକ୍ତର ହୋଇ ରୋଗୀଙ୍କୁ ସେବା କରିବାକୁ ଲକ୍ଷ୍ୟ ରଖି ଡାକ୍ତରୀ ପାଠ ପଢ଼ିବାକୁ ନିଷ୍ପତ୍ତି ନେଇଛି। ମୋ ପରିବାର ମୋତେ ପାଠ ପଢ଼ାଇବାକୁ ରାଜି ଅଛନ୍ତି। ମୋ ସଫଳତା ପଛରେ ମୋ ପରିବାରର ଭୂମିକା ଅଧିକ ରହିଛି। ପୁଣି ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ମଧ ରହିଛି।



**–ସ୍ୱସ୍ତିକ ସାହୁ, ଦଶମ ଶ୍ରେଣୀ ଛାତ୍ର ଜବାହାର ନବୋଦୟ ବିଦ୍ୟାଳୟ ନୟାଗଡ଼।**

### ପରିଶ୍ରମର ଫଳ ବୃଥା ଯାଏନି



ଚଳିତ ବର୍ଷର ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୮ ପ୍ରତିଶତ ନମ୍ବର ରଖିଛି। ଦିନକୁ ୬ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମର ଫଳ ବୃଥା ଯାଏନି। ମୁଁ ଏହା ଅଙ୍ଗେ ନିଭାଇଛି। ଆଇଆଇଟି ପଢ଼ିବାକୁ ମୋର ପସନ୍ଦ। ଏଥିପାଇଁ ମୁଁ ପ୍ରସ୍ତୁତ ହେଉଛି। ଚଳିତବର୍ଷ ଦଶମ ପରୀକ୍ଷାରେ ଭଲ ପ୍ରଶ୍ନ ପଡିଥିଲା। ଭଲ ମାର୍କିଂ ବି ହୋଇଛି। ପରୀକ୍ଷା ଫଳ ପ୍ରକାଶ ପରେ ତ୍ରୁଟିପୂର୍ଣ୍ଣ ମାର୍କିଂ ହେବାର ଯେଉଁ ଭୟ ଥିଲା ତାହା ଦୂର ହୋଇଛି। ମୋ ଘର ନୟାଗଡର ଶ୍ରୀରାମନଗରରେ।

**– ଅର୍ପିତା ଅପରାଜିତା, ଦଶମ ଶ୍ରେଣୀ ଛାତ୍ରୀ, ମହର୍ଷି ବିଦ୍ୟାମନ୍ଦିର ନୟାଗଡ଼।**

### ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନର ଭୟ ଥିଲା



ଟର୍ମ ୨ ଅପେକ୍ଷା ଟର୍ମ ୧ର ପ୍ରଶ୍ନ କଷ୍ଟ ସାଧ ଥିଲା। ତଥାପି କିଛି ଅସୁବିଧା ନାହିଁ। ମୋର ୯୫ ପ୍ରତିଶତ ନମ୍ବର ରହିଛି। ଦିନକୁ ୬ ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ମୁଁ ସଫ୍ଟୱୟାର ଇଞ୍ଜିନିୟର ହେବି। ଏଥିପାଇଁ ଘରୋଇ ଭାବେ କୋଚିଂ ନେଉଛି। ମୋ ଗାଁ ଗୋଡିପଡା ବଡତେଲିସାହିରେ।

**–ଶ୍ରୀକାନ୍ତ ସାହୁ, ଦ୍ୱାଦଶ ଶ୍ରେଣୀ ଛାତ୍ର, ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ।**

## ପର୍ଯ୍ୟଟକଙ୍କଠାରୁ ସୁନାଚେନ୍ ଲୁଟି ନେଲେ ଦୁର୍ବୃତ୍ତ

**ଗଣିଆ, ୨୨।୭(ଡି.ଏନ.ଏ.)**





ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଥିବା ପର୍ଯ୍ୟଟକଙ୍କ କାର।

ନୟାଗଡ଼ ଜିଲା ଗଣିଆ ଥାନା ସାଉଥିବଡମୂଳସ୍ଥିତ ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟକୁ ଆସି ଶୁକ୍ରବାର ମଧାହ୍ନରେ ଫେରୁଥିବା ପର୍ଯ୍ୟଟକଙ୍କ ଗାଡି ଭଙ୍ଗାରୁଜା କରିବା ସହ ମାଡମାରି ସୁନା ଚେନ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏ ନେଇ ପର୍ଯ୍ୟଟକ ଜଣକ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହେବା ସହ ପୋଲିସ ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ନିଶାନ୍ତ କୁମାର ସାହୁ ଓ କାଜଲ ପାତ୍ର ୨ଜଣ ପର୍ଯ୍ୟଟକ ପୁରୀରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟକୁ ଆସିଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ରେ ରିସୋର୍ଟରୁ ଫେରି ପୁରୀ ଅଭିମୁଖେ ଯାଉଥିଲେ। ବଡମୂଳ-ଗଣିଆ ରାସ୍ତାର କେନ୍ଦୁପଲ୍ଲୀ ଛକ କାଜୁ ବଗିଚା ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ପର୍ଯ୍ୟଟକଙ୍କ ଗାଡିକୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ପର୍ଯ୍ୟଟକଙ୍କ ସ୍କୋଡା କାର ନଂ. ଓଡି ୧୩ପି ୩୯୩୯କୁ ଭଙ୍ଗାରୁଜା କରିବା ସହ ଉଭୟଙ୍କୁ ମାଡ ମାରି ମହିଳା ପର୍ଯ୍ୟଟକଙ୍କଠାରୁ ଏକ ସୁନା ଚେନ ଲୁଟି ନେଇ ପଳାଇ ଥିଲେ। ପରେ ପର୍ଯ୍ୟଟକ ଦ୍ୱୟ ଥାନାରେ ପହଞ୍ଚି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ କରାଯିବା ସହ ଦୁର୍ବୃତ୍ତମାନଙ୍କୁ ଧରାଯିବାକୁ ତନାଘନା ଜାରି ରହିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ ଏହି ରାସ୍ତା ଦେଇ ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଓ ପର୍ଯ୍ୟଟକମାନେ ଯାତାୟାତ କରୁଥିବା ବେଳେ ଗଣିଆ-ବଡମୂଳ ରାସ୍ତାରେ ଦିନ ଦ୍ୱିପ୍ରହରେ ଲୁଟ୍ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ତେବେ ବିଭିନ୍ନ ସମୟରେ ଏହି ରାସ୍ତାରେ ଡକାୟତି, ମାରପିଟ ସହ ମଦ୍ୟପମାନଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏହି ରାସ୍ତାରେ ପ୍ରତ୍ୟେହ ପୋଲିସ ପାଟ୍ରୋଲିଂ ପାଇଁ ସାଧାରଣରେ ଦାବି ହେଉଛି। ୨ଦିନ ତଳେ ଗଣିଆ ବଜାରରେ ଜଣେ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଥିବା ବେଳେ ଗଣିଆ ସାପ୍ତାହିକ ହାଟରେ ମଧ ବିଭିନ୍ନ ସମୟରେ ଚୋରି ଓ ଲୁଟ୍ ହେଉଛି ।

## ଗଣ୍ଡଗୋଳରେ ଲିପ୍ତ ଅନ୍ୟତମ ଅଭିଯୁକ୍ତ ଗିରଫ

**ୟଖଣ୍ଡପଡ଼ା,୨୨।୭(ସ୍ୱ.ପ୍ର.)**



ଖଣ୍ଡପଡ଼ା ଥାନା ଅଧୀନ ଗଡିଆସାହ ପଞ୍ଚାୟତର ପଥରଗଣ୍ଡ ଗାଁରେ ନିର୍ବାଚନ ପରବର୍ତ୍ତୀ ହିଁସାକାଣ୍ଡ ଘଟି ୨ ଗୋଷ୍ଠୀ ମଧରେ ମାରପିଟି ଓ ଗଣ୍ଡଗୋଳ ଘଟଣା ଘଟିଥିଲା। ଏପରି କି ଉଭୟ ଗୋଷ୍ଠୀ ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ୨ ପକ୍ଷରୁ ଲିଖିତ ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା ରୁଜୁ କରିଥିଲା। ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ପଥରଗଣ୍ଡ ଗାଁର ସନ୍ତୋଷ ବରାଡକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ରମେଶ କୁମାର ଦେବତାଙ୍କଠାରୁ ପ୍ରକାଶ।

## ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ନୟାଗଡ଼ ଅଫିସ,୨୨।୭:** ମାଟ୍ରିକ ପରୀକ୍ଷାରେ ସମୁଦାୟ ୬୦୦ ମାର୍କରୁ ୫୮୯ ନଂ. ରଖି ବିଷ୍ଣୁପ୍ରିୟା ପ୍ରଧାନ ନୟାଗଡ଼ ଜିଲା ଟପ୍ପର ହୋଇଥିଲେ। ଶୁକ୍ରବାର ତାଙ୍କୁ ଶରଣକୁଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଶରଣକୁଳ ଶାଖା ପରିଚାଳକ ପୀତବାସ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏଜିଏମ୍ ଦିୱାନ ସିଂ ତୋମାର, ଖୋର୍ଦ୍ଧା କ୍ଷେତ୍ରୀୟ ଅଧିକାରୀ ଭୂପଦେବ ପ୍ରଧାନ, ଏଜିଏମ୍ ସୁଶାନ୍ତ ସାହୁ, ଚିଫ୍ ମ୍ୟାନେଜର ଅନିରୁଦ୍ଧ ନନ୍ଦ, ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଷ୍ଣୁପ୍ରିୟାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କୁ ଏକ ସାଇକେଲ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭଗବାନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମ୍ୟାନେଜର ମନତୋଷ ସାହୁ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟ ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।





ମାଟ୍ରିକ ପରୀକ୍ଷାରେ ନୟାଗଡ଼ ଜିଲା ଟପ୍ପର ବିଷ୍ଣୁପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କେନ୍ଦ୍ର ଚଳାଇଛି ପ୍ରତିଶୋଧ ରାଜନୀତି

**ନୟାଗଡ ଅଫିସ,୨୨।୭**

କେନ୍ଦ୍ର ସରକାରର ପ୍ରତିଶୋଧ ରାଜନୀତିର ପ୍ରତିବାଦ ନୟାଗଡ଼ରେ ଶୁକ୍ରବାର ଦେଖିବାକୁ ମିଳିଛି। ରାଜନୈତିକ ଅସହିଷ୍ଣୁତାର ମୁଖ୍ୟ ନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା କଂଗ୍ରେସ କର୍ମୀମାନେ ଦାହକରି ବିଭିନ୍ନ ବିରୋଧୀ ନାରାବାଜି କରିଥିଲେ। ପ୍ରକାଶ ଯେ, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ନ୍ୟାଶନାଲ୍ ହେରାଲ୍ଡ ଖବରକାଗଜର ସ୍ଥାବର ସମ୍ପତ୍ତି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ସମନ କରି ଜେରା କରିବା ପରିପ୍ରେକ୍ଷୀରେ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଟ୍ରାଫିକ ଛକଠାରେ ବିକ୍ଷୋଭ ଓ ପ୍ରତିବାଦ ସଭା ହୋଇଥିଲା। ଏଥିରେ ମୋଦିଙ୍କ ଏକଚ୍ଛତ୍ରବାଦ ନୀତି ଏବଂ ବିରୋଧୀ ନେତାଙ୍କ ଉପରେ ପ୍ରତିଶୋଧ ରାଜନୀତିକୁ ବକ୍ତାମାନେ ତୀବ୍ର ନିନ୍ଦା କରିଛନ୍ତି। ସେହିପରି ଦେଶବ୍ୟାପୀ ବିରୋଧୀ ଦଳ ପ୍ରମୁଖ ନେତାଙ୍କ ମୁହଁ ବନ୍ଦ କରିବାକୁଇଡି, ସିବିଆଇ, ଆଇଟିକୁ ଲଗାଇ ସେମାନଙ୍କ ବିରୋଧରେ ହୀନ ରାଜନୀତି ଭାଜପା କରୁଛି ବୋଲି କୁହାଯାଇଛି।





ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

**■ସୋନିଆଙ୍କୁ ଇଡିର ଜେରା, ଜିଲା କଂଗ୍ରେସର ପ୍ରତିବାଦ**

**■ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ**

ନୟାଗଡ଼ ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ବକ୍ତାମାନେ କହିଥିଲେ, ବର୍ଷକୁ ଦୁଇକୋଟି ଚାକିରି ଦେବେ କହି ୧୮ବର୍ଷ ଶାସନରେ ମାତ୍ର ୧୦ଲକ୍ଷ ନିଯୁକ୍ତି ସୃଷ୍ଟି କରିଛନ୍ତି। ସେହିଭଳି ଦେଶର ଆର୍ଥିକ ଦୁସ୍ଥିତି, ପ୍ରତି ଡଲାର ଅପେକ୍ଷା ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇ ଏକ ଡଲାରର ଭାରତୀୟ ମୁଦ୍ରା ୮୦ ଟଙ୍କାରେ ପହଞ୍ଚିଥିବା ବେଳେ ବିଦେଶରେ କଳାଟଙ୍କା ଦୁଇଗୁଣା ବୃଦ୍ଧି ପାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦରରେ ମାତ୍ରାଧିକ ବୃଦ୍ଧି ହେତୁ ସାରା ଦେଶବାସୀ ଚିନ୍ତାରେ ଅଛନ୍ତି। ପୁଣି ନବୀନ ପଟ୍ଟନାୟକ ସରକାର ଚିଟ୍‌ଫଣ୍ଡ, ଖଣି, କୋଇଲା ଦୁର୍ନୀତିରେ ଛନ୍ଦି ହୋଇ ଇଡି, ସିବିଆଇର ଗିରଫଦାରି ଆଶଙ୍କାରେ ଭାଜପା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଘୋଷଣା କରି ବିଜେଡିର ସମଦୂରତ୍ୱ ପ୍ରସଙ୍ଗ ଭାଜପା ଗର୍ଭରେ ଲୀନ ହୋଇଗଲା ବୋଲି କୁହାଯାଇଛି। ଶୁକ୍ରବାର ପ୍ରତିବାଦ ସଭାରେ ବରିଷ୍ଠ ନେତା ସୁକାନ୍ତ ଶତପଥୀ, ଶ୍ରମିକ କଂଗ୍ରେସ ନେତା ଆଲୋକ ପ୍ରଧାନ, ଦଶପଲ୍ଲା ଯୁବ କଂଗ୍ରେସ ସଭାପତି ଚନ୍ଦନ ମହାଳିକ, ଛାତ୍ର କଂଗ୍ରେସ ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାଶ, ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଶୋଇ, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ମିର ଅବୁବକର୍ ସିଦ୍ଦିକ୍, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡ଼ା, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଅକ୍ଷୟ କୁମାର ମଲ୍ଲ, ଜିଲା ସେବାଦଳ ସମ୍ପାଦକ ବିମଳ ଦାଶ, ନୂଆଗାଁ ବ୍ଲକ କଂଗ୍ରେସ ସଭାପତି ଅଶୋକ ନାୟକ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗଣ୍ଡଗୋଳ ମାମଲାରେ ଆଉ ୫ ଗିରଫ

**ପାଣିକୋଇଲି,୨୨।୭(ଡି.ଏନ.ଏ.):** ପାଣିକୋଇଲି ଥାନା ଅଞ୍ଚଳରେ ଏକ ଦୁର୍ଘଟଣାକୁ ନେଇ ଦୁଇ ଗ୍ରାମ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ପୋଲିସ ଆଉ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଣିକୋଇଲି ଗ୍ରାମର ଅବଦୁଲ ଜବାର ଖାଁ (୫୪), ଅକ୍ଷୟ ଯେନା (୪୦), ନିଶାକର ମଲିକ (୩୦), ପ୍ରଶନ୍ନ ଯେନା (୩୪) ଓ ଜୟ ପ୍ରକାଶ ମଲ୍ଲିକ(୨୧)। ପ୍ରକାଶ ଯେ, ପାଣିକୋଇଲି ବଜାରରେ ବୁଧବାର ଏକ କାର ପାଣିକୋଇଲି ଗ୍ରାମର ଅବଦୁଲ ଜବାର ଖାଁକୁ ବଜାରରେ ଧକ୍କା ଦେଇ ପଳାଇଥିଲା। ଏହାକୁ କେନ୍ଦ୍ରକରି ମାରପିଟ ପରେ ଉଭୟ ପକ୍ଷ ଥାନାର ଆଶ୍ରୟ ନେଇଥିଲେ। ପୂର୍ବରୁ ଏହି ଘଟଣାରେ ୯ଜଣଙ୍କୁ ଗିରଫ କରାଯାଇଥିଲା।

### ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେଲା ହାଇୱା



**ପାଣିକୋଇଲି,୨୨।୭(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବଡ଼ତ୍ରିଲୋଚନପୁର(ମକୁନ୍ଦବିନ୍ଧା) ଗ୍ରାମ ନିକଟରେ ଏକ ଚିପସ ବୋଝେଇ ହାଇୱା ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହେବା ସହ ରାସ୍ତା ମଝିରେ ଅଟକି ଯାଇଥିଲା। ଏଥିରେ ଚାଳକ ସମାନ୍ୟ ଆହତ ହୋଇଥିଲେ। ଘଟଣାସ୍ଥଳରେ ପାଟ୍ରୋଲିଂ ପୋଲିସ ପହଞ୍ଚି ଆହତ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲା। ଏକ ଜେସିବି ସାହାଯ୍ୟରେ ହାଇୱାକୁ ବାହାର କରାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ହାଇୱାଟି କୁଆଖିଆ ପଟୁ ଭଦ୍ରକକୁ ଯାଉଥିଲା।

### ବିଛାଖଣ୍ଡି ପାହାଡରେ ଚଢ଼ାଉ, ୫ ପ୍ରୋକଲିନ ସହ ୨ ଟ୍ରାକ୍ଟର ଜବତ

**ଧର୍ମଶାଳା,୨୨।୭(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି ପାହାଡ଼ ଅଣଲିଜ ଅଞ୍ଚଳରେ ଗୁରୁବାର ରାତିରେ ତହସିଲ ପ୍ରଶାସନ ଓ ଜେନାପୁର ପୋଲିସ ପକ୍ଷରୁ ଚଢାଉ କରାଯାଇଛି। ଏହି ସମୟରେ ୫ ପ୍ରୋକଲିନ ଓ ୨ ଟ୍ରାକ୍ଟରକୁ ଜବତ କରାଯାଇଛି। ଚଢାଉରେ ତହସିଲଦାର ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ଜେନାପୁର ପୋଲିସ ସାମିଲ ଥିଲେ। ତହସିଲଦାର ଦାସ ଜବତ ହୋଇଥିବା ଗାଡି ମାଲିକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ନଂ.୧୯୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଜୀବିତ ପ୍ରମାଣପତ୍ର ନ ଦେଲେ କଳାକାର ଭତ୍ତା ବନ୍ଦ

**ଯାଜପୁର ଟାଉନ,୨୨।୭(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଉପକୃତ ହେଉଥିବା ଜିଲାର ହିତାଧିକାରୀମାନେ ପ୍ରତିବର୍ଷ ଏପ୍ରିଲରେ ଜୀବିତ ପ୍ରମାଣପତ୍ର ଦାଖଲ କରିବା ବିଧେୟ। ତେବେ ୨୦୨୦ଠାରୁ ଅନେକ କଳାକାର ସେମାନଙ୍କ ଜୀବିତ ପ୍ରମାଣପତ୍ର ଦାଖଲ କରିବାକୁ ସମର୍ଥ ହୋଇନାହାନ୍ତି। ଯେହେତୁ ଡିବିଟି ମାଧ୍ୟମରେ ଆର୍ଥିକ ସହାୟତା ସମସ୍ତ କଳାକାରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି, ସେଥିପାଇଁ ପ୍ରତ୍ୟକ କଳାକାର ସେମାନଙ୍କ ଜୀବିତ ପ୍ରମାଣପତ୍ର ଅଗଷ୍ଟ ୨୫ ମଧ୍ୟରେ ଦାଖଲ କରି ଉକ୍ତ ସହାୟତାର ନବୀକରଣ କରାଇବା ଜରୁରୀ। ହିତାଧିକାରୀ ଜୀବିତ ପ୍ରମାଣ ପତ୍ର ସହିତ ଆଧାର କାର୍ଡର ନକଲ, ମୋବାଇଲ ନମ୍ବର ଏବଂ ବ୍ୟାଙ୍କ ଜମା ଖାତାର ନକଲ ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଉକ୍ତ ସହାୟତାର ନବୀକରଣ ଧାର୍ଯ୍ୟ ସମୟ ମଧ୍ୟରେ ନ କରାଇଲେ ସେପ୍ଟେମ୍ବରଠାରୁ ସହାୟତା ବନ୍ଦ ହୋଇଯିବ ବୋଲି ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ବିଭାଗୀୟ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି।

# ପ୍ରକଳ୍ପ ଅଛି, ପାଣି ମିଳୁନି

**ଯାଜପୁର ଅଫିସ,୨୨।୭**



- ରାଜ୍ୟର ୪୮.୮୫% ପରିବାରଙ୍କୁ ମିଳୁଛି ସ୍ୱଚ୍ଛ ପାଣି
- ବସୁଧା, ଜଳ ଜୀବନ ମିଶନ, ଆର୍‌ଆଇଡିଏଫ୍‌ରେ ୧୬,୩୮୧ କୋଟି ଖର୍ଚ୍ଚ

ରାଜ୍ୟବାସୀଙ୍କୁ ପାନୀୟ ଜଳ ଯୋଗାଣ ଭଳି ମୌଳିକ ଦାୟିତ୍ୱ ନିର୍ବାହରେ ସରକାର ପୂର୍ଣ୍ଣ ସଫଳତା ପାଇଛନ୍ତି। ଏଥିପାଇଁ ବସୁଧା, ଜଳ ଜୀବନ ମିଶନ, ଓଏମ୍‌ବିଏଡିସି, ଡିଏମ୍‌ଏଫ୍, ଆର୍‌ଆଇଡିଏଫ୍ ଆଦି ଯୋଜନାରେ ନୂତନ ପାଇପ ଏବଂ ବୃହତ୍ ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡିକ ସ୍ଥାପନ କରି ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ରାଜ୍ୟ ସରକାର କୌଣସି ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହୋଇନାହାନ୍ତି। ୩୦।୬।୨୦୨୨ ସୁଦ୍ଧା ରାଜ୍ୟର ୪୮.୮୫% ପରିବାରଙ୍କୁ ଟ୍ୟାପ ସଂଯୋଗୀକରଣ ଏବଂ ଶତପ୍ରତିଶତ ଲୋକଙ୍କୁ ନଳକୂପ ଓ ପରିମଳ କୂପ, ସୌରଚାଳିତ ପମ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଚଳିତ ବିଧାନସଭାର ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏଭଳି ଉତ୍ତର ରଖିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଆରଡବ୍ଲ୍ୟୁଏସ୍‌ଏସ୍ (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) ବିଭାଗର ରିପୋର୍ଟ ବିନା ପାଣିରେ ସର ପକାଉଛି। ବର୍ଷ ବର୍ଷ ହେଲା ବିଭାଗୀୟ ରିପୋର୍ଟରେ ପ୍ରକଳ୍ପଗୁଡିକର କାର୍ଯ୍ୟ ଚାଲିଥିବା ଉଲ୍ଲେଖ ରହୁଛି। ୫ ବର୍ଷ ହେଲା ବିଭିନ୍ନ ପର୍ଯ୍ୟାୟରେ ୯୦ ମେଗା ଜଳଯୋଗାଣ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଲାଭ କରିପାରିନାହିଁ। ଏହାସହ ଏକାଧିକ ପ୍ରକଳ୍ପ ଥାଇ ବି ଲୋକଙ୍କୁ ପାଣି ମିଳୁ ନ ଥିବା ଦେଖିବାକୁ ମିଳିଛି।

୨୦୧୧-୧୨ ବର୍ଷରୁ ଏଯାଏ ବସୁଧା, ଜଳ ଜୀବନ ମିଶନ ଏବଂ ଆର୍‌ଆଇଡିଏଫ୍ ଯୋଜନାରେ ୧୬୩୮୧ କୋଟି ଟଙ୍କା ଜଳଯୋଗାଣ ନାମରେ ଖର୍ଚ୍ଚ ହୋଇସାରିଛି। ଏହାବାଦ୍ ଓଏମ୍‌ବିଏଡିସିରେ ୪୮୩୧ କୋଟି ଟଙ୍କାର ୨୦ଟି ପ୍ରକଳ୍ପ କାର୍ଯ୍ୟ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ ଓ ମୟୂରଭଞ୍ଜ ଜିଲାରେ ଚାଲିଛି । ତଥାପି ଲୋକଙ୍କ ପାଣି ସମସ୍ୟା ଏଯାଏ ଦୂର ହୋଇପାରିନାହିଁ। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗେଙ୍ଗୁଟିଆ ଓ ଭରତପୁର ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପଦ୍ୱୟରେ ୫୬ ଲକ୍ଷ ୭୯ ହଜାର ୭୦୦ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଦୁଇ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ୧ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ସମ୍ପୃକ୍ତ ଲୋକେ ଏଯାଏ ପାଣି ବୁନ୍ଦାଏ ପାଇପାରିନାହାନ୍ତି। ତେଣୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଦୁଇ ପ୍ରକଳ୍ପରେ ବ୍ୟାପକ ହରିଲୁଟ ହେବା ସହ ଉପଯୁକ୍ତ ଭାବେ ନିର୍ମାଣ ହୋଇ ନ ଥିବା ନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଓଡ଼ିଶା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ଦଶରଥପୁର ବ୍ଲକ ଅଧୀନ ଛିଞ୍ଚଣା, ଜୟନ୍ତରା, ଚଷାଖଣ୍ଡ, ତରପଦା ଓ ମଙ୍ଗଳପୁର ପଞ୍ଚାୟତରେ ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ତାହା ଏଯାଏ କାମରେ ଲାଗିନାହିଁ। ଛିଞ୍ଚଣା ପଞ୍ଚାୟତର ଆରୁହା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ୯।୧୨।୨୦୧୮ ରୁ ଆରମ୍ଭ ହୋଇ ୨୦୨୦ରେ ସମ୍ପୂର୍ଣ୍ଣ ହୋଇଥିଲା। ସେହିପରି ଚଷାଖଣ୍ଡ ପଞ୍ଚାୟତର ବୋତଲଟାଙ୍ଗ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ମଧ୍ୟ ୧୫।୩।୨୦୧୮ରୁ ଆରମ୍ଭ ହୋଇ ୨୦୧୯ରେ ଏବଂ ତରପଦା ପଞ୍ଚାୟତର ଖୋସାଲପୁର ଗ୍ରାମ୍ୟ ଜଳଯାଗାଣ ପ୍ରକଳ୍ପ ୨୯।୭।୨୦୧୯ରେ ଆରମ୍ଭ ହୋଇ ୨୦୨୦ରେ ଶେଷ ହୋଇଛି। ଜୟନ୍ତରା ପଞ୍ଚାୟତର ଗୋଟିଏ ଏବଂ ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର ଓ ବଜରାପାଟ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ(ବସୁଧା) କାର୍ଯ୍ୟ ପ୍ରାୟ ୨ ବର୍ଷ ପୂର୍ବରୁ ସମାପ୍ତ ହୋଇସାରିଥିଲେ ସୁଦ୍ଧା ସ୍ୱଚ୍ଛ ପାଣି ଟିକେ ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ଡହଳବିକଳ ହେଉଛନ୍ତି। ଫଳରେ ଏହି ପ୍ରକଳ୍ପଗୁଡିକରେ ବ୍ୟବହୃତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ନଷ୍ଟ ହେବାକୁ ବସିଲାଣି। ଏହାର ଦୀର୍ଘ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଯାଜପୁର ଜିଲା ନୁହେଁ, ରାଜ୍ୟର ଅଧିକାଂଶ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପର ସ୍ଥିତି ଅନୁରୂପ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ମନ୍ତ୍ରୀ ଅମାତ୍ ତାଙ୍କ ରିପୋର୍ଟରେ ଆହୁରି ଦର୍ଶାଇଛନ୍ତି ଯେ, ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ପାଇପ୍ ଯୋଗେ ଘରୋଇ ସଂଯୋଗୀକରଣ କରାଯାଇ ପାନୀୟ ଜଳ ଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ରେଳ ଧାରଣାରେ କଟି ଯୁବକଙ୍କ ମୃତ୍ୟୁ



**ବରୀ,୨୨।୭(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କ୍ଷେମଶ୍ୱର ଗ୍ରାମର ଚିନ୍ତାମଣି ସାହୁଙ୍କ ପୁଅ ନରେଶ(୩୬)ଙ୍କ ଗୁରୁବାର ଯାଜପୁର ରୋଡ୍ ଷ୍ଟେଶନ ନିକଟରେ ରେଳ ଧାରଣାରେ କଟି ମୃତ୍ୟୁ ହୋଇଛି। ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଶୁକ୍ରବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନରେଶଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନରେଶ ଦୁଇ ବର୍ଷ ପୂର୍ବରୁ ବିବାହ କରିଥିଲେ। ତାଙ୍କର ଏକ ବର୍ଷର ପୁଅ ଅଛି। ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ସାମଲ, ଜିଲାପରିଷଦ ସଭ୍ୟ ସନ୍ତୋଷ ସାମଲ, ସମିତିସଭ୍ୟା ସୁଧାଂଶୁବାଳା ସାମଲ ଓ ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ସାମଲ ମୃତକଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବଦେନା ଜଣାଇଛନ୍ତି।

## ବ୍ୟାସନଗର କେଭିରେ ୧୦୦% ଉତ୍ତୀର୍ଣ୍ଣ

**ସିବିଏସ୍‌ଇ ଦଶମ ପରୀକ୍ଷାଫଳ**

- ୯୦%ରୁ ଉର୍ଦ୍ଧ୍ୱ ମାର୍କ ପାଇଲେ ୯ ବିଦ୍ୟାର୍ଥୀ

**ଯାଜପୁର ଅଫିସ,୨୨।୭**


ଅଂଶୁମାନ ସେନାପତି


ଅକ୍ଷଜ କୁମାର ସେଠୀ


ସତ୍ୟବ୍ରତ ସାମନ୍ତରାୟ

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଯାଜପୁର ଜିଲାର ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟ(କେଭି)ର ଶତ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୯ ଛାତ୍ରୀଛାତ୍ର ୯୦ରୁ ଉର୍ଦ୍ଧ୍ୱ, ୧୭ ଜଣ ୭୫%ରୁ ୮୯%, ୧୬ ଜଣ ୫୦%ରୁ ୭୪% ଏବଂ ଜଣେ ୪୨.୬% ମାର୍କ ରଖିଛନ୍ତି। ଅଂଶୁମାନ ସେନାପତି ୯୬.୮%, ଅକ୍ଷଜ କୁମାର ସେଠୀ ୯୬.୪%, ସତ୍ୟବ୍ରତ ସାମନ୍ତରାୟ ୯୪.୮%, ସାରସ୍ୱତ ପଟ୍ଟନାୟକ ୯୩.୮%, ଅମିତ ମହାନ୍ତି ୯୩%, ମାତୃପ୍ରସାଦ ନାଥ ୯୨.୬%, ଏନ୍.ଏସ୍. ପାର୍ଥସାରଥି ୯୧.୬%, ତିୟାସା କୁଣ୍ଡୁ ୯୧.୬% ଓ ସୁବ୍ରତ କୁମାର ବେହେରା ୯୦% ମାର୍କ ପାଇଛନ୍ତି।

## ଧର୍ମଶାଳା ପବ୍ଲିକ ସ୍କୁଲ୍‌ରେ ଶତପ୍ରତିଶତ ପାସ

**ଧର୍ମଶାଳା,୨୨।୭(ଡି.ଏନ.ଏ.)**


ରୁଦ୍ରପ୍ରକାଶ ରାଉତ

ସିବିଏସ୍‌ଇ ଦଶମ ପରୀକ୍ଷାର ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ଶତପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ରୁଦ୍ରପ୍ରକାଶ ରାଉତ ୯୫.୬ ପ୍ରତିଶତ ହାରରେ ୪୭୮ ନମ୍ବର ରଖି ସ୍କୁଲରେ ସର୍ବୋଚ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ସ୍କୁଲର ୫ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛନ୍ତି। ଉକ୍ତ ସ୍କୁଲ୍‌ରେ ମୋଟ୍ ୪୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

## ଆପେକ୍ସ ଇଂଲିଶ୍ ମିଡିୟମ ସ୍କୁଲ: ୧୦୦% ସଫଳତା

**ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର**


ପ୍ରଭୁପ୍ରସାଦ ମିଶ୍ର


ଆଶୁତୋଷ ପଣ୍ଡା


ବିଶ୍ୱବିଦ୍ ନାୟକ


ଇପ୍‌ସିତା ବେହେରା

**ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର**


ସ୍ୱୟଂ ନଚିକେତ


ଆଦିତ୍ୟ ମିଶ୍ର


ଜାଗୃତି ଜେନା

**ଯାଜପୁର ସଦର,୨୨।୭(ଡି.ଏନ.ଏ.)**

ସିବିଏସଇ ମାଟ୍ରିକ ପରୀକ୍ଷାରେ ଯାଜପୁର ଆପେକ୍ସ ଇଂଲିଶ ମିଡିୟମ ସ୍କୁଲର ସମସ୍ତ ୮୬ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୨୩ ଜଣ ୯୦% ଉର୍ଦ୍ଧ୍ୱ ମାର୍କ ଏବଂ ୨୦ ଜଣ ୮୦%ରୁ ୯୦% ମାର୍କ ରଖି ସଫଳତା ଅର୍ଜନ କରିଛନ୍ତି। ପ୍ରଭୁପ୍ରସାଦ ମିଶ୍ର ୯୮%, ଆଶୁତୋଷ ପଣ୍ଡା ଓ ବିଶ୍ୱବିଦ୍ ନାୟକ ୯୭% ଏବଂ ଇପସିତା ବେହେରା ୯୬.୪% ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷାରେ ସ୍କୁଲର ସମସ୍ତ ୧୩୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୫ଜଣ ୯୦%ରୁ ଉର୍ଦ୍ଧ୍ୱ ଏବଂ ୫୩ ଜଣ ୮୦%ରୁ ୯୦% ମାର୍କ ରଖିଛନ୍ତି। ଏଥିରେ ସ୍ୱୟଂ ନଚିକେତ ୯୮.୬%, ଆଦିତ୍ୟ ମିଶ୍ର ୯୮.୨% ଓ ଜାଗୃତି ଜେନା ୯୫% ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ହିଙ୍ଗୁଳା ତନ୍ତୁବାୟ ସମିତି ସଭାପତି, ଉପସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ରସୁଲପୁର,୨୨।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଭୋଟକା ପଞ୍ଚାୟତ ଅଧୀନ ହିଙ୍ଗୁଳା ତନ୍ତୁବାୟ ସମିତିର ସଭାପତି ନିର୍ମଳ ଦାସ ଓ ଉପସଭାପତି ପୁଷ୍ପଲତା ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତିର ସମସ୍ତ ବୋର୍ଡ ସଦସ୍ୟମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସହମତିରେ ସଭାପତି ଓ ଉପସଭାପତି ମନୋନୀତ କରାଯାଇଥିଲା। ଏହି ଦୁଇ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିଲା। ଏହି ଅବସରରେ ସମିତି ପକ୍ଷରୁ କାର୍ଯ୍ୟକର୍ତ୍ତା ଓ ବୋର୍ଡ ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି। ସମିତି ପୂର୍ବତନ ସଭାପତି ପ୍ରହ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱନାଥ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତ ମୁଖ୍ୟଅତିଥି ଓ ସମିତିସଭ୍ୟ ରଞ୍ଜିତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଭାପତି, ଉପସଭାପତି ଓ ଅନ୍ୟ ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ସମିତିର ଏକ ସ୍ଥାୟୀ ଗୃହ ନିର୍ମାଣ ସକାଶେ ପଞ୍ଚାୟତ ପକ୍ଷରୁ ସରକାରୀ ଅନୁଦାନ ପ୍ରଦାନ ପାଇଁ ସମିତି ପକ୍ଷରୁ ସୁଦର୍ଶନ ଦାସ, ବୀରକିଶୋର ଦାସ, ଝୁନୁ ଦାସ, ବାସନ୍ତି ବେହେରା, ଦୁର୍ଗାମାଧବ ଦାସ, ବିଷ୍ଣୁ ଦାସ, ଶ୍ରୀପତି ବେହେରା, ସୁବାସ ନାଥ ଓ ଚନ୍ଦ୍ରମଣି ଓଝା ପ୍ରମୁଖ ଦାବି କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ସମିତି କର୍ମକର୍ତ୍ତା ଓ ଅନ୍ୟମାନେ।

## ଦଶରଥପୁର ବ୍ଲକ ସରପଞ୍ଚଙ୍କ ୨ ପଞ୍ଚାୟତ ପରିଦର୍ଶନ


ପଞ୍ଚାୟତ ପରିଦର୍ଶନରେ ଆସିଥିବା ସରପଞ୍ଚମାନେ।

**ବଡ଼ଚଣା,୨୨।୭(ଡି.ଏନ.ଏ.)**

**ଉନ୍ନୟନ କାର୍ଯ୍ୟ ଦେଖି ପ୍ରଶଂସା କଲେ**

ଯାଜପୁର ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଚାଲିଥିବା ସରପଞ୍ଚଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଚତୁର୍ଥ ଦିନରେ ଦଶରଥପୁର ବ୍ଲକର ୩୫ ସରପଞ୍ଚ ବଡ଼ଚଣା ବ୍ଲକର ଭୁଷଣ୍ଡପୁର ଓ ଖଇରା ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସେଗୁଡ଼ିକୁ ପ୍ରଶଂସା କରିଛନ୍ତି। ତାଲିମଦାତା ରମେଶ ଚନ୍ଦ୍ର ସାହୁ, ହିମାଂଶୁ ଶେଖର ପାଢୀ, ଦଶରଥପୁର ବ୍ଲକ ପ୍ରଗତି ସହାୟକ ସୁମନ୍ତ ବେହେରାଙ୍କ ନେତୃତ୍ୱରେ ଆସିଥିବା ସରପଞ୍ଚମାନେ ପ୍ରଥମେ ଭୁଷଣ୍ଡପୁର ପଞ୍ଚାୟତକୁ କ୍ଷେତ୍ର ପରିଦର୍ଶନ ପାଇଁ ଯାଇଥିଲେ। ଭୁଷଣ୍ଡପୁର ସରପଞ୍ଚ ଯଯାତିକେଶରୀ ରାଉତ ଓ ସମିତିସଭ୍ୟ ଜଗନ୍ନାଥ ମୁଦୁଲି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରାଉତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ୧୯ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ୧୬ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଯଚିନ୍ଦ୍ର ନାୟକ, ଆମ୍ବ ଅଧ୍ୟକ୍ଷ ନିରଞ୍ଜନ ସେନାପତି, ପୂର୍ବତନ ଜିଲାପରିଷଦ ସଭ୍ୟା ବିନୋଦିନୀ ସାହୁ, ଦର୍ପଣୀ ସରପଞ୍ଚ ରଞ୍ଜନ କୁମାର ଦାଶ ପ୍ରମୁଖ ଯୋଗଦେଇ ସରପଞ୍ଚମାନେ କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କଲେ ପଞ୍ଚାୟତର ଉନ୍ନତି ହେବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ ସହଜରେ ପହଞ୍ଚି ପାରିବ ବୋଲି କହିଥିଲେ।

କ୍ଷେତ୍ର ପରିଦର୍ଶନରେ ଆସିଥିବା ସରପଞ୍ଚମାନେ ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ମାଣ ହୋଇଥିବା ଗ୍ରାମ ଉଦ୍ୟାନ, ଆଦର୍ଶ ଖେଳ ପଡିଆ ଓ ନିର୍ମାଣାଧୀନ ପଥରକଟା ପୋଖରୀରେ ଦ୍ୱିତୀୟ କୁସୁମା ପୁଷ୍କରିଣୀ ଦେଖିଥିଲେ। ସରପଞ୍ଚ ପ୍ରତିଭା ମଲ୍ଲିକ, ରଶ୍ମିତା ବଳ, ସଂଯୁକ୍ତା ମଲ୍ଲିକ, ସୁଚିସ୍ମିତା ଦାଶ, ପ୍ରଦୀପ ଜେନା, ବୃନ୍ଦାବନ ସାମଲ, କୁଞ୍ଜବିହାରୀ ଦାଶ, ନିରାକାର ସାହୁ, ସୁରେନ୍ଦ୍ର ବେହୁରିଆ ପ୍ରମୁଖ ଭୁଷଣ୍ଡପୁର ଓ ଖଇରା ପଞ୍ଚାୟତରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସମସ୍ତ ଯୋଜନାକୁ ଏଠାରେ ସୁନ୍ଦର ଭାବେ ପରିକଳ୍ପନା କରାଯାଇଥିବା ଦେଖି ପ୍ରଶଂସା କରିଥିଲେ। ଯୁବନେତା ଜୟନ୍ତ ରାଉତ, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେଶ୍ୱତା ମହାରଣା, ଏମ୍‌ବିକେ ମଧୁସ୍ମିତା ସେନାପତି, ବ୍ଲକ ଯୋଜନା ସଂଜୋଯକ ଲଗ୍ନଜିତ ମାହାଲା, ଅନ୍ନପୂର୍ଣ୍ଣା ନାୟକ ପ୍ରମୁଖ ଆଗନ୍ତୁକ ସରପଞ୍ଚଙ୍କୁ ସହେଯାଗ କରିଥିଲେ।

ପରେ ସରପଞ୍ଚମାନେ ଖଇରା ପଞ୍ଚାୟତକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ଯାଜପୁର ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ସରପଞ୍ଚ ସଂଯୁକ୍ତା ମଲ୍ଲିକ, ସମିତିସଭ୍ୟା ରଶ୍ମିତା ମଲ୍ଲିକ, ପୂର୍ବତନ ସରପଞ୍ଚ ହରପ୍ରିୟା ବରାଳ, ବିନୟ ପୃଷ୍ଟି, ନାଏବ ସରପଞ୍ଚ ସୁମା ଦାଶ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ସରପଞ୍ଚମାନେ ନବନିର୍ମିତ ଆକର୍ଷଣୀୟ ପଞ୍ଚାୟତ କାର୍ଯ୍ୟାଳୟ, ପାଠାଗାର, ମିଶନଶକ୍ତି ଗୃହ, ଆଗନ୍ତୁକ ବିଶ୍ରାମ ଗୃହ, ଖେଳ ପଡ଼ିଆ, ପଞ୍ଚାୟତ ଭବନ, ଜୟରାମ ପୋଖରୀର ଖନନ କାର୍ଯ୍ୟ ବୁଲି ଦେଖିବା ସହ ପୂର୍ବତନ ସରପଞ୍ଚ ହରପ୍ରିୟା ବରାଳଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ବରାଳ ଧନ୍ୟବାଦ ଦେଇଥିଲେ।

